# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22nd October - 2025**

**************************************

*Desk*

# ଜୈବିକ ସାର

ରାଜ୍ୟ ସରକାର ସାର ସଙ୍କଟ ଦୂର କରିବା ସହିତ ରାସାୟନିକ ସାର ବଦଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ଲାଗି 'ଧରତୀ ମାତା ବଚାଓ' ଅଭିଯାନ କାର୍ଯ୍ୟକାରୀ କରିବାପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ସୂଚନା ଅନୁସାରେ ଜୈବିକ ସାର ବ୍ୟବହାରକୁ ଗୁରୁତ୍ୱ ଦେବାପାଇଁ ଜିଲ୍ଲା ସ୍ତରରେ ତ୍ରିସ୍ତରୀୟ କମିଟି ଗଠନ କରିବାକୁ କୁହାଯାଇଛି । ପଞ୍ଚାୟତ ସ୍ତରରେ କମିଟି ଗଠନ ଏବଂ ତଦାରଖ ସମିତି ଲାଗି ନିର୍ଦ୍ଦେଶ ରହିଛି । ଜିଲ୍ଲାସ୍ତରୀୟ କମିଟି ସର୍ବାଧିକ ରାସାୟନିକ ସାର ବ୍ୟବହୃତ ହେଉଥିବା ୧୦୦ଟି ଗ୍ରାମ ପଞ୍ଚାୟତକୁ ଚିହ୍ନଟ କରିବେ । ଜୈବିକ ସାରକୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ପୂର୍ବରୁ ବଳଭଦ୍ର ଜୈବିକ ଚାଷ ମିଶନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ।

ଏହି କମିଟି ସାର ଚୋରାଚାଲାଣ ଏବଂ କଳାବଜାର ଉପରେ ନଜର ରଖିବେ । ଏହାବ୍ୟତୀତ ମାସିକ ସମୀକ୍ଷା କରି ନିଅଣ୍ଟ ସାର ସମସ୍ୟାର ସମାଧାନ କରିବେ ।

*Nuapada/R*

# ନୂଆପଡ଼ା - ସୁରକ୍ଷା ବ୍ୟବସ୍ଥା

ନୂଆପଡ଼ା ବିଧାନସଭାମଣ୍ଡଳୀରେ ଉପନିର୍ବାଚନକୁ ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବାପାଇଁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗୁରୁତ୍ୱାରୋପ କରିଛନ୍ତି । କଟକସ୍ଥିତ ରାଜ୍ୟ ପୁଲିସ୍ ମୁଖ୍ୟାଳୟଠାରେ ଗତକାଲି ଏକ ପ୍ରସ୍ତୁତି ସମୀକ୍ଷା ବୈଠକରେ ବେଆଇନ ଟଙ୍କା କାରବାର ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଓ ମାଦକ ଦ୍ରବ୍ୟ ଜବତ କରିବା ଏବଂ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାପାଇଁ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଉପନିର୍ବାଚନ ସମୟରେ ସମ୍ଭାବ୍ୟ ମାଓବାଦୀ କାର୍ଯ୍ୟକଳାପକୁ ଏଡ଼ାଇବାପାଇଁ ବୈଠକରେ ଆଲୋଚନା ହୋଇଥିଲା । ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବାପାଇଁ ଜିଲ୍ଲା ପୁଲିସ୍ ସହିତ ୧୪ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ, ୫ ପ୍ଲାଟୁନ୍ ରାଜ୍ୟ ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ୍, ୩୫ଟି ମୋବାଇଲ୍ ପାଟ୍ରୋଲିଂ ପାର୍ଟି, ୨୮ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ନିୟୋଜିତ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି ।

*Desk*

# ନୂଆପଡ଼ା ଉପନର୍ବାଚନ ଅଭିଯୋଗ

ନୂଆପଡ଼ା ଉପନିର୍ବାଚନରେ ସି-ଭିଜିଲ୍ ଆପ୍ ମାଧ୍ୟମରେ ଭୋଟର୍‌ମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ସମ୍ପର୍କିତ ଅଭିଯୋଗ ଦାଖଲ କରିପାରିବେ । ଭାରତର ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଗତକାଲି ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ନିର୍ବାଚନ ସମ୍ପର୍କିତ ଅଭିଯୋଗ ଆସିବାର ୧୦୦ ମିନିଟ୍ ମଧ୍ୟରେ ସେଗୁଡ଼ିକର ସମାଧାନ କରାଯିବ ।

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ ।  1922 କୁ ମିସ୍‌ଡ କଲ୍

ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ଶୁକ୍ରବାର ମଧ୍ୟରେ ଦେଇପାରିବେ ।

***Desk***

# ବାୟୁ ଗୁଣବତ୍ତା ସୂଚକାଙ୍କ

କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରେ ଦୀପାବଳି ବାଣଫୁଟା ଯୋଗୁଁ ପ୍ରଦୂଷଣ ସ୍ତର ବୃଦ୍ଧି ପାଇଛି । ରାଜଧାନୀ ଭୁବନେଶ୍ୱର ଓ କଟକରେ ବାୟୁ ଗୁଣବତ୍ତା ସୂଚକାଙ୍କ - AQI ୧୮୦ ପାର କରିଥିବାବେଳେ ଲକ୍ଷ୍ମୀସାଗର ଅଞ୍ଚଳରେ AQI ୧୮୫ରେ ପହଞ୍ଚିଛି । ସାଧାରଣତଃ ୧୦୦ ଉପରେ AQIକୁ ବିପଦ ବୋଲି ଗଣନା କରାଯାଇଥାଏ ।

ଦୀପାବଳି ଅବସରରେ ବାୟୁର ଗୁଣବତ୍ତା ନିର୍ଦ୍ଧାରଣ କରିବାପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଭୁବନେଶ୍ୱରରେ ୬ଟି ସ୍ଥାନରେ ମନିଟରିଂ କରାଯାଇଥିଲା ।

***Khurda/R***

# ସ୍ୱତନ୍ତ୍ର ରେଳ ଚଳାଚଳ

ପାର୍ବଣ ସମୟରେ ଯାତ୍ରୀଭିଡ଼କୁ ନିୟନ୍ତ୍ରଣ କରିବା ସହ ଯାତ୍ରୀ ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବାପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର

ଓ ଖୋର୍ଦ୍ଧାରୋଡ୍ ଭଳି ମୁଖ୍ୟ ଷ୍ଟେସନଗୁଡ଼ିକରେ ଧାଡ଼ି ପ୍ରଣାଳୀ ଲାଗୁ କରାଯାଇଛି । ଅଧିକ ଭିଡ଼ ଥିବା ଷ୍ଟେସନଗୁଡ଼ିକରେଯାତ୍ରୀଙ୍କ ଗତିବିଧି ସୁବିଧାପାଇଁ ହୋଲ୍ଡିଂ ଏରିଆ ବ୍ୟବସ୍ଥା ଉପଯୋଗ କରାଯାଇଛି । ୩୬୭ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି । ଦଶପଲ୍ଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଚାଲୁଥିବାବେଳେ ପୁରୀକ୍ଷ-ଖୋର୍ଦ୍ଧାରୋଡ୍ ମେମୁ ଟ୍ରେନ୍‌କୁ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି । ଆର୍.ପି.ଏଫ୍. ଓ ବାଣିଜ୍ୟ ବିଭାଗର ମିଳିତ ସହଯୋଗରେ ଯାତ୍ରୀ ଓ ସାମଗ୍ରୀ ଯାଞ୍ଚ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଯାତ୍ରୀଙ୍କ ସୁବିଧାପାଇଁ ହେଲ୍‌ପ୍‌ଲାଇନ୍ ନମ୍ବର ୧୩୯ ଜାରି କରାଯାଇଛି ବୋଲି ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ପି.କେ. ବେହେରା ସୂଚନା ଦେଇଛନ୍ତି ।

***Bhadrak/R***

# ଭଦ୍ରକାଳୀ

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠାରେ ସପ୍ତାହେ ବ୍ୟାପୀ ଚାଲିଥିବା କାଳୀପୂଜାର ତୃତୀୟ ଦିବସରେ ମା' ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଜିଲ୍ଲାର ଦକ୍ଷିଣେଶ୍ୱରୀ କାଳୀ, ଚରମ୍ପାର ପଥକାଳୀ, କୁଣ୍ଡିକାଳୀ, ଶ୍ୟାମାକାଳୀ ଆଦି ଶକ୍ତିପୀଠରେ ସ୍ୱତନ୍ତ୍ରରେ ପୂଜାର୍ଚ୍ଚନା ହେଉଛି ।

*Met. O.*

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ୍, ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପବନ ବହିବା ସହିତ ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ରାଜ୍ୟର ଦକ୍ଷିଣ ଏବଂ ପଶ୍ଚିମ ଭାଗରେ ବର୍ଷାର ପ୍ରଭାବ ରହିବ ।

ଅନ୍ୟପକ୍ଷରେ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଉ ଏକ ଘୂର୍ଣ୍ଣିବଳୟ ଗତକାଲି ସୃଷ୍ଟି ହୋଇଛି । ଆସନ୍ତା ୨୬ ତାରିଖ ଏବଂ ୨୯ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ନେଇ ବିଭିନ୍ନ ପାଣିପାଗ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି ।

*****